ଧୃଷ୍ଟକେତୁଶ୍ଚେକିତାନଃ କାଶିରାଜଶ୍ଚ ବୀର୍ଯ୍ୟବାନ୍ ।
ପୁରୁଜିତ୍କୁନ୍ତିଭୋଜଶ୍ଚ ଶୈବ୍ୟଶ୍ଚ ନରପୁଙ୍ଗବଃ ।।

ସକାଳ

## ଭାରତୀୟ ସଂସ୍କୃତିର ନାରୀ

ଭାରତୀୟ ସଂସ୍କୃତିରେ ନାରୀକୁ ବିଭିନ୍ନ ରୂପରେ ସମ୍ମାନ ଦିଆଯାଇଛି । କେତେବେଳେ ସେ ଜନନୀ ତ କେତେବେଳେ କନ୍ୟା । ଆଉ କେତେବେଳେ ଜାୟା । ଜଗଜ୍ଜନନୀ ହେଉଛନ୍ତି ଶକ୍ତି ସ୍ୱରୂପା । ପ୍ରତିଟି ନାରୀ ଭିତରେ ତାଙ୍କୁ ହିଁ ଦର୍ଶନ କରିବା ଉଚିତ୍ । ମଣିଷର ଭକ୍ତି ଓ ସାଧନା ବଳରେ ମାଆ କୌଣସି ନା କୌଣସି ରୂପରେ ଆସି ପହଞ୍ଚିଯାଆନ୍ତି । ଯାହାର ନଜିର୍ ଦେଖିବାକୁ ମିଳେ କେତେଜଣ ମହାପୁରୁଷଙ୍କ ପାଖରେ । ସ୍ୱାମୀ ରାମତୀର୍ଥ ଥିଲେ ଜଣେ ସୁସାଧକ । ଜଗଜ୍ଜନନୀ ମାଆଙ୍କ ପ୍ରତି ଥିଲା ତାଙ୍କର ପ୍ରଗାଢ଼ ଭକ୍ତି । ଏମିତି କି ବେଳେବେଳେ ସ୍ୱାମୀ ରାମତୀର୍ଥ ନିଜର କର୍ତ୍ତବ୍ୟ ବି ଭୁଲିଯାଉଥିଲେ । ଦିନେ ସେ ବାହାରକୁ ଯାଇଛନ୍ତି । ହଠାତ୍ ମନେହେଲା ଆମ୍ବ ଆଣି ମାଆଙ୍କ ପାଖରେ ଭୋଗଲଗାଇବା ପାଇଁ ହେଲେ ଅଦିନରେ ଆମ୍ବ ମିଳିବ କୋଉଠୁ ? ବୁଲିବୁଲି ଘରକୁ ଫେରିଲେ । ଭୋକ ହେଉଥାଏ । ଭୋଜନ ପ୍ରସ୍ତୁତ ବି ସରିଥାଏ । ପତ୍ନୀ ବାଢ଼ିଦେଲେ । ଭାତ ଥାଳି ପାଖରେ ପାଚିଲା ଆମ୍ବ । ଆଶ୍ଚର୍ଯ୍ୟ ହେଇ ପଚାରିଲେ- 'ଏ ଆମ୍ବ କୋଉଠୁ ଆସିଲା ?' ପତ୍ନୀ ଉତ୍ତର ଦେଲେ- 'ତୁମେ ପରା ସେ କୁନି ଝିଅଟି ହାତରେ ପଠେଇଥିଲ ।' ସ୍ୱାମୀ ରାମତୀର୍ଥ ବୁଝିଗଲେ ମୋର ଇଚ୍ଛାକୁ ମାଆ ଅନେଇ ବସିଚି । ସେ କନ୍ୟାରୂପରେ ନିଇତି ସାହାଯ୍ୟ କରୁଚି । କେତେବେଳେ ବାଡ଼ିରେ ଝଟା-ବାଡ଼ ବାନ୍ଧିଲାବେଳେ ଧରିବାରେ ସାହାଯ୍ୟ କରୁଚି ତ କେତେବେଳେ ଚାହିଁବା ଜିନିଷ ଆଣି ପହଞ୍ଚେଇ ଦଉଚି । ସେମିତି ଜଣେ ମହାପୁରଷ ଥିଲେ ଶ୍ରୀରାମକୃଷ୍ଣ ପରମହଂସ । ପତ୍ନୀ ଥିଲେ ସାରଦାମଣି କିନ୍ତୁ ଶ୍ରୀ ରାମକୃଷ୍ଣ ପରମହଂସ କହୁଥିଲେ, ମନ୍ଦିରରେ ମାଆ ଯିଏ ସେ ହିଁ ସାରଦାମଣି । ତାଙ୍କ ପାଇଁ ତୁମେ ଦୁହେଁ ଏକ । ଅଲଗା ନୁହେଁ । ଜୀବନ ସାରା ଶ୍ରୀ ରାମକୃଷ୍ଣ ଦେବ ସାରଦାମଣିଙ୍କୁ ମାଆ ଭାବରେ ଦେଖୁଥିଲେ । ତାଙ୍କ ପାଖରେ ଶିଶୁଙ୍କ ଭଳି ଅଳି ଅର୍ଦ୍ଦଳୀ କରୁଥିଲେ । ସେହିପରି ଆଉ ଜଣେ ମହାପୁରୁଷ ଥିଲେ ନିଗମାନନ୍ଦ ପରମହଂସ । ତାଙ୍କ ପତ୍ନୀ ସୁଧାଂଶୁବାଳାଙ୍କର ଦେହାନ୍ତହେଲା । ମଣିଷର ମୃତ୍ୟୁପରେ ତା' ଆତ୍ମାର ଗତି କୁଆଡ଼େ । ଏହି ତତ୍ତ୍ୱକୁ ଖୋଜିଖୋଜି ସେ ଚାରିଜଣଙ୍କୁ ଗୁରୁ କଲେ । ସାଧନାମୟ ଜୀବନ ଆରମ୍ଭକଲେ । ଜ୍ଞାନ, ଯୋଗ, ତନ୍ତ୍ର ଓ ପ୍ରେମ ବଳରେ ସାଧନାର ଶୀର୍ଷରେ ପହଞ୍ଚିଲେ । ସମ୍ମୁଖରେ ସୁଧାଂଶୁବାଳାଙ୍କର ଛାଇକୁ ଦେଖିବାକୁ ପାଇଲେ ମାତ୍ର ଧରିବାକୁ ଗଲାବେଳେ ସେ ଉଭେଇଯାଉଥିଲେ । ଶେଷରେ ଜାଣିଲେ ଜଗଜ୍ଜନନୀ ତାଙ୍କୁ ଦେଖାଦେଉଛନ୍ତି ପତ୍ନୀରୂପରେ । ମାଆଙ୍କର ବିଭିନ୍ନ ରୂପ ହେଲେ ଆଜିର ସମାଜରେ କନ୍ୟାଟିଏ ମାତୃଗର୍ଭରେ ବି ସୁରକ୍ଷିତ ନୁହେଁ । ମନୁ ସଂହିତା କହନ୍ତି- ଯୋଉ ସମାଜରେ ନାରୀ ପୂଜିତା ଓ ସମ୍ମାନିତା ସେ ଭୂମିକୁ ଦେବତାମାନେ ଓହ୍ଲେଇ ଆସନ୍ତି ।

## ଆତ୍ମାର୍ଥେ ପୃଥିବୀଂ ତ୍ୟଜେତ୍

ଯେଉଁଠାରେ ଜୀବିକାର୍ଜନର କିଛି ସୁଯୋଗ ନଥାଏ, ମନୁଷ୍ୟ ବୃତ୍ତିହୀନ ହୋଇଥାଏ, ସେ ସ୍ଥାନ, ସେ ଦେଶ ତ୍ୟାଗ କରିବା ଉଚିତ । ଯେଉଁ ବୃତ୍ତି ବା ଜୀବିକା ବା ବୃତ୍ତିରେ ଉପଦ୍ରବ, ଅନିଷ୍ଟ ଥାଏ, ସେପରି ବୃତ୍ତି ତ୍ୟାଗ କରିବା ଉଚିତ । ମାୟାବୀ, କପଟ ମିତ୍ରକୁ ତ୍ୟାଗ କରିବା ଶ୍ରେୟସ୍କର । ଯେଉଁ ଧନ ପ୍ରାଣହାରକ, ଯାହା ପାଖରେ ରଖିଲେ, ପ୍ରାଣହାନୀର ସମ୍ଭାବନା ରହିଛି, ସେ ଧନକୁ ତ୍ୟାଗ କରିଦେବା ସର୍ବାଦୌ ବିଧେୟ । ''ଅବୃତ୍ତିକ ତ୍ୟଜେଦ୍ଦେଶ ବୃତ୍ତି ସୋ ପଦ୍ରବା ତ୍ୟଜେତ୍, ତ୍ୟଜେତ୍ ମାୟାବିନ ମିତ୍ର ଧନଂ ପ୍ରାଣହର ତ୍ୟଜେତ୍'' ଯାହା ପାଖରେ ଥିଲେ ଶୋକ ହୁଏ ବା ଯେଉଁ ବସ୍ତୁ ନିମିତ୍ତ ଶୋକ ହୋଇଥାଏ ଦୁଃଖ ହୋଇଥାଏ, ତ୍ରାସ ହୋଇଥାଏ, ଯେଉଁ ଅଙ୍ଗଦ୍ୱାରା ଶରୀର ଶୂଳ ବା ବ୍ୟଥା ପ୍ରାପ୍ତ ହୋଇଥାଏ, ସେହି ଅଙ୍ଗ ଗୋଟିଏ ହେଲେ ମଧ୍ୟ ତ୍ୟାଗ କରିଦେବା ଉଚିତ । ତେଣୁ ତ ଡ଼ାକ୍ତର ବା ଶଲ୍ୟ ଚିକିତ୍ସକମାନେ ବ୍ୟଥା ଦେଉଥିବା ଅଙ୍ଗଟିକୁ କାଟି ବାହାର କରିଦିଅନ୍ତି । ''ଯନ୍ନିମିତ୍ତଂ ଭବେ ଶ୍ଚୋକୋ ଦୁଃଖଂ ବା ତ୍ରାସ ଏବ ଚ, ଆୟା ସୋ ବା ଯତଃ ଶୂଳ ସ୍ତବେ କାଙ୍ଗମପି ତ୍ୟଜେତ୍ ।'' କୁଳର ରକ୍ଷା ପାଇଁ ଦରକାର ପଡ଼ିଲେ ଜଣକୁ ତ୍ୟାଗ କରିଦେବା, ଗ୍ରାମର ରକ୍ଷା ପାଇଁ କୁଳକୁ ତ୍ୟାଗ କରିଦେବା ବିଧେୟ, ଯଦି ଗ୍ରାମକୁ ତ୍ୟାଗ କରିଦେଲେ, ରାଜ୍ୟର ରକ୍ଷା ହୋଇପାରିବ, ସେପରିସ୍ଥଳେ ଗ୍ରାମକୁ ତ୍ୟାଗ କରିଦେବ । ଆତ୍ମାର ସୁରକ୍ଷାର୍ଥେ ଆବଶ୍ୟକ ହେଲେ ପୃଥିବୀ ବା ସଂସାର ତ୍ୟାଗୀ ହୋଇଯିବା ଉଚିତ । ''ତ୍ୟଜେଦେକଂ କୁଳସ୍ୟାର୍ଥେ, ଗ୍ରାମ ସ୍ୟାର୍ଥେ, କୁଳଂ ତ୍ୟଜେତ, ଗ୍ରାମଂ ଜନପଦସ୍ୟାର୍ଥେ ଆତ୍ମାର୍ଥେ ପୃଥିବୀଂ ତ୍ୟଜେତ୍ ।''

# ଦୁର୍ଗେ ଦୁର୍ଗତି ନାଶିନୀ

ମୋହନ କୁମାର ଭଞ୍ଜ

କୁହାଯାଏ ସମଗ୍ର ସତ୍ତା, ପ୍ରକୃତି ଏକ ଅନନ୍ତ ଉତ୍ସବ। ତା ଭିତରେ ପୁଣି ଉତ୍ସବ ପାଳନର ବି ଆବଶ୍ୟକତା ରହିଛି। ରହିଛି ନିଶ୍ଚିତ। ଶାନ୍ତି ଓ ସଂହତିକୁ ବିପନ୍ନ କଲାଭଳି ବିପଦ ଆସିଲେ ତାହାର ମୁକାବିଲା ଜରୁରୀ। ଆଉ ଏଥିରେ ବିଜୟ ନିଶ୍ଚିତ ଉତ୍ସବ ପାଳନ ପାଇଁ ଏକ ପରିବେଶ ଯୋଗାଏ। ଦେବୀ ଦୁର୍ଗା, ଦେବଗଣଙ୍କ ମିଳିତ ପ୍ରାର୍ଥନାରୁ ସମ୍ଭୂତା। ଏକ ମହାସଂଘାତରୁ ତାଙ୍କର ସୃଷ୍ଟି। ସେ ସବୁ ଆୟୁଧ ଓ ଶକ୍ତିର ସମ୍ମିଳିତ ପରିପ୍ରକାଶ। ଅସତ୍ୟ ଉପରେ ସତ୍ୟ, ମନ୍ଦ ଉପରେ ଭଲର ବିଜୟ ପାଇଁ ସେ ଅଭିପ୍ରେତା ଯେ ବିଜୟା, ଅଜେୟା ସେ ତ ପୂଜା ଓ ଆରାଧନାର ଯୋଗ୍ୟା। ଶାରଦୀୟ ଦୁର୍ଗୋତ୍ସବର ଆଜି ମୃଣ୍ମୟୀ ଦେବୀଙ୍କ ସପ୍ତମୀ ପୂଜା। ସେଥିପାଇଁ ସାର୍ବଜନୀନ ପୂଜାମଣ୍ଡପ ଓ ଦେବୀପୀଠଗୁଡ଼ିକ ଚଳଚଞ୍ଚଳ। ମାଆଙ୍କ ଆବାହନରେ ଖଣ୍ଡମଣ୍ଡଳ ପ୍ରକମ୍ପିତ। ପାର୍ବଣର ମହକ ଅଲଗା। ଏଥିରେ ପାରମ୍ପରିକ ନିଷ୍ଠା ଓ ଆଧ୍ୟାତ୍ମିକତା ସହିତ ଉତ୍ସବ ଏବଂ ଖୁସିର ଏକ ନିଆରାଭାବ ଆବାଳ ବୃଦ୍ଧବନିତାଙ୍କୁ ଆଚ୍ଛାଦିତ କରିରଖେ। ପାର୍ବଣର ପ୍ରତୀକ୍ଷା, ପୂଜା ଛୁଟି ପାଳନ ଓ ଉତ୍ସବର ପରିସମାପ୍ତି ଏସବୁ ପର୍ଯ୍ୟାୟରେ ଥାଏ ଏକ ବିଶେଷ ଉନ୍ମାଦନା, ସ୍ୱତନ୍ତ୍ର ଆଗ୍ରହ ଓ ଆକର୍ଷଣ। ଏବର୍ଷ ପୂଜା ପାଇଁ ପାଣିପାଗ ଅନୁକୂଳ ମନେ ହେଉନାହିଁ। ବର୍ଷା ପାର୍ବଣକୁ ଫିକା କରିଦେବାର ଆଶଙ୍କା ରହିଛି। ଏହା ସତ୍ତ୍ୱେ ପୂଜା ପ୍ରସ୍ତୁତି ଓ ମହକ ଆଗରେ ପାଗ ଯେ ହାର ମାନିବ ତାହା ନିଃସନ୍ଦେହରେ କୁହାଯାଇପାରେ। ପାର୍ବଣରେ ଅସ୍ୱାଭାବିକ ପାଣିପାଗ ତ ପରବର୍ତ୍ତୀ ବର୍ଷ ପାଇଁ ଗୋଟେ ଆଖ୍ୟାୟିକା ହୋଇଥାଏ। କେଉଁ ବର୍ଷ ବର୍ଷା ଓ ତୋଫାନ, କେଉଁ ମସିହାରେ ଝଡ଼ ବାତ୍ୟା ଏସବୁ କଥା ହୋଇ ରହେ ସିନା, ମା'ଙ୍କ ଖାତିରରେ ତାଙ୍କ ପିଲାମାନେ ଘୋଡ଼ାଇ ଚଳାଇ ନିଅନ୍ତି। ମା'ଙ୍କ ପାଖରେ ଦୈନ୍ୟ ପ୍ରଦର୍ଶନ କରନ୍ତି ନାହିଁ ପାରୁ ପର୍ଯ୍ୟନ୍ତ ମା'ଙ୍କୁ ସଜାନ୍ତି, ପୂଜନ୍ତି। ସବୁ ଭଲମନ୍ଦ ସେ ମାଆଙ୍କ ଉଦ୍ଦେଶ୍ୟରେ



ଅର୍ପଣ କରିଦିଅନ୍ତି। ଏହା ଏକ ମହାନ ଆତ୍ମନିବେଦନର ଭାବ। ନମ୍ରତାରୁ ଭାବ, ଭାବରୁ ଭକ୍ତି, ଭକ୍ତିରୁ ବିନମ୍ରତା ଓ ସଦାଚାର ଏସବୁ ଆମ ପୂଜା ପାର୍ବଣ ଆମକୁ ଶିଖାଇ ଆସୁଛି। ଏହା ଆମ ଭ୍ରାତୃତ୍ୱ, ସାମାଜିକ ଚଳଣି, ସଂସ୍କୃତି ଓ ସଭ୍ୟତାକୁ କ୍ରମଶଃ ପୁଷ୍ଟଳ କରୁଛି।

ଲକ୍ଷ୍ୟ କରାଯାଉଛି ଯେ କଟକ ଭଳି ଦୁର୍ଗାପୂଜା ପାଇଁ ପ୍ରସିଦ୍ଧ ସହରରେ ମୂର୍ତ୍ତି - ମୂର୍ତ୍ତି ମଧ୍ୟରେ ପ୍ରତିଯୋଗିତା ଦିନକୁ ଦିନ ତୀବ୍ର ହେଉଛି। ଦେବୀଙ୍କ ସୁନା, ରୂପା ଅଳଙ୍କାର ଓ ମେଢ଼ ନେଇ ପ୍ରତିଯୋଗିତା ଚାଲୁଛି। ଆମ ସଡ଼କ, ରାସ୍ତା,ପରିବେଶ ପଚ୍ଛେ ଅଗମ୍ୟ, ପୂତିଗନ୍ଧମୟ ହେଉ ସେଥିପ୍ରତି ଖାତିର ନାହିଁ। ଅଥଚ ଆଲୋକ ସଜ୍ଜା, ତୋରଣ, ମେଢ଼, ପ୍ରତିମା, ଆଭୂଷଣ, ନୀତି, ପ୍ରସାଦ, ଭସାଣ ଆଦି ଏଥିରେ ବୁଝାମଣାର ପ୍ରଶ୍ନ ଉଠୁନାହିଁ। ଦେବୀଙ୍କ ପାଇଁ ଗହଣା ବ୍ୟବସ୍ଥା ପଛରେ ସାହି ବା ଅଞ୍ଚଳର ଏକ ସମବାୟ ଭିତ୍ତିକ ଆଧ୍ୟାତ୍ମିକତା ରହୁଛି ଯାହା ଭବିଷ୍ୟତ ପାଇଁ କିଛି ନିବେଶର ବାର୍ତ୍ତା ଦେଉଛି। ଭଲକଥା ପୂଜା ଯଦି ଜାତି, ଧର୍ମ, ବର୍ଣ୍ଣ ଅଞ୍ଚଳ ନିର୍ବିଶେଷରେ ଅନେକ ଲୋକଙ୍କୁ ସାମୟିକ ରୋଜଗାର ଦେଉଛି ତାହା ଭଲ କଥା। ଏହା କେବଳ ଧର୍ମ ବାଣ୍ଟୁନାହିଁ, ଧନ ବି ବାଣ୍ଟୁଛି। ହୁଏତ ଦିନ ଆସିବ ପ୍ରତ୍ୟେକ ପୂଜାମଣ୍ଡପ ଗୋଟିଏ ଗୋଟିଏ ଅର୍ଥନୈତିକ ସମବାୟ ଗୋଷ୍ଠୀ ବା ଗିଲ୍ଡ ଭାବେ ଦେବୀଙ୍କ ଅଳଙ୍କାର ଅର୍ଥକୁ ବ୍ୟାଙ୍କରେ ରଖି ତାକୁ ମନିଟାଇଜ୍ ବା ଅର୍ଥିକ ଲାଭ ପାଇବା ପାଇଁ ଚେଷ୍ଟିତ ହେବେ। ତେବେ ସେ ଯା ହେଉ ପୂଜାରେ ସାଜସଜ୍ଜା, ଆକର୍ଷଣ ଓ ଦେବୀଙ୍କ ଆଭୂଷଣ ବ୍ୟବସ୍ଥାରେ ଆୟୋଜକଙ୍କ ପ୍ରତିଯୋଗିତା ମନୋଭାବ, ଅହଂକାର ଓ ଅହମିକା ନରହୁ। ଭକ୍ତିଭାବ ଓ ସମର୍ପଣ ଅଗ୍ରାଧିକାର ପାଉ। ସମାଜ ଓ ସଂସ୍କୃତି ଏବେ ଜଟିଳ ସମୟ ଦେଇ ଗତିକରୁଛି। ସାମାଜିକ, ନୈତିକ ଓ ମାନବିକ ମୂଲ୍ୟବୋଧର ବ୍ୟାପକ ଅବକ୍ଷୟ ପରିଲକ୍ଷିତ ହେଉଛି। ବିଭିନ୍ନ କ୍ଷେତ୍ରରେ ଅନୀତିର ରାଜ ଚାଲିଛି ଏବଂ ଅସତ୍ୟର ଅତ୍ୟାଚାରରେ ସତ୍ୟ ଅଣନିଃଶ୍ୱାସୀ ହୋଇପଡ଼ିଛି। ଅସତ୍ୟର ତମସାରେ ସତ୍ୟ ଘୋଡେଇ ହୋଇପଡ଼ିଛି। ଏଭଳି ଅବସ୍ଥାରେ ପୂଜା ଯେତେବେଳେ ସାର୍ବଜନୀନ ଓ ଉନ୍ମୁକ୍ତ ସତେବେଳେ ଅସତ୍ୟ ଉପରେ ସତ୍ୟର ବିଜୟ ଓ ସଂପ୍ରୀତି ଉପରେ ସଂହତିର ବିଜୟ ପାଇଁ ମାଆ ସମସ୍ତଙ୍କୁ ପ୍ରେରଣା ଓ ଶାନ୍ତି ଦେବେ ବୋଲି ଆଶା କରିବା ଯଥାର୍ଥ। ମାଆ ଜଗଜ୍ଜନନୀ ସମସ୍ତଙ୍କୁ ଆଶୀର୍ବାଦ କରନ୍ତୁ। ତାଙ୍କର କରୁଣା ଓ କୃପାବାରି ସାରା ଜଗତରେ ଅଜାଡ଼ି ହୋଇପଡ଼ୁ। ସମସ୍ତେ ସୁଖରେ ରହନ୍ତୁ। ସବୁ ଦୁର୍ଗତିର ଅନ୍ତ ଘଟୁ। ସତ୍ୟ ଓ ଶାନ୍ତି ବିରାଜମାନ କରୁ, ପାର୍ବଣ ଅବସରରେ ଏତିକି ପ୍ରାର୍ଥନା।

ଭବାନୀପାଟଣା,
ମୋ: ୯୯୩୮୯୦୪୭୭୫

# ପାର୍ବଣରେ ଶିଶୁଙ୍କ ପାଇଁ ସତର୍କତା



ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତରାୟ
ଶିଶୁ ବିଭାଗ, ଶିଶୁଭବନ, କଟକ
ମୋ : ୯୪୩୭୧୨୪୦୭୪

ଜଗତଜ୍ଜନନୀ ମା'ଦୁର୍ଗା ଧରାପୃଷ୍ଠକୁ ଓହ୍ଲାଇଛନ୍ତି । ଚାରିଆଡ଼େ ପାର୍ବଣର ଭିଡ଼ । ସବୁଠି ଗହଳି । ମିଠା ଦୋକାନ ଠାରୁ ଶାଢ଼ୀ ଦୋକାନ, ବହି ଦୋକାନ ଠାରୁ ଘରୋଇ ଜିନିଷ କିଣିବା ପାଇଁ ସବୁଠି ଭିଡ଼ । ତେବେ ପାର୍ବଣ ଖୁସି ଭିତରେ ପିଲାମାନଙ୍କ ପାଇଁ ଅନେକ ସତର୍କତା ରହିଛି । ଏହାକୁ ମାନିବା ବାଞ୍ଛନୀୟ । ପାର୍ବଣରେ ପିଲାଟି ଖୁସି ରହୁ ଏହା ସମସ୍ତେ ଚାହାଁନ୍ତି କିନ୍ତୁ ଏହି ଖୁସି ପଛର ପରବର୍ତ୍ତୀ ଦୁଃଖଦ କାହାଣୀ ପାଇଁ କେହି ପ୍ରସ୍ତୁତ ନଥାନ୍ତି । ପାର୍ବଣରେ ଘରେ ଘରେ ଭୋଜିଭାତ, ପିଠା, ମିଠା ଓ ଖାଇବାର ସମ୍ଭାର । କେବଳ ଘରେ ନୁହେଁ ବନ୍ଧୁଘର ଠାରୁ ପଡ଼ୋଶୀ ଘର ସବୁଠି ସ୍ନେହ ଆଦରରେ ପିଲାମାନଙ୍କ ପାଇଁ ସମସ୍ତେ ଖାଦ୍ୟ ଜିନିଷ ପ୍ରାୟତଃ କିଣି ଦିଅନ୍ତି । ଏ କ୍ଷେତ୍ରରେ ମନେରଖନ୍ତୁ ଯେ ପିଲାର ହଜମ ଶକ୍ତି ଠାରୁ ଅଧିକ ଖାଦ୍ୟ ଦେଲେ ତାହା ପିଲା ପାଇଁ କ୍ଷତିକାରକ । ବଜାରର ରଙ୍ଗ ବେରଙ୍ଗୀ ଖାଦ୍ୟ, ଥଣ୍ଡା ଖାଦ୍ୟ, ଦାମୀ ଚକୋଲେଟ ଓ ତଥାକଥିତ ଫାଷ୍ଟଫୁଡ୍ ପିଲାଟି ପାଇଁ ବିପଦଜ୍ଜନକ ହୋଇପଡ଼େ । ସ୍ନେହ ସରାଗରେ ପିଲାଟିକୁ ଖୋଇଦେଲା ପରେ ସ୍ୱାସ୍ଥ୍ୟକଥା ପ୍ରାୟ କେହି ଚିନ୍ତା କରିନଥାନ୍ତି । ବର୍ତ୍ତମାନ ସହଜେ ବନ୍ୟା ପାଣିର ପ୍ରକୋପ ଯାହା ପେଟ ଖରାପ ସହ ପତଳା ଝାଡ଼ା କିମ୍ବା ଡାଇରିଆର ସମ୍ଭାବନା ବି ସୃଷ୍ଟି ହୋଇପାରେ । ସେହିପରି ଦିନକୁ ଦିନ ଶବ୍ଦ ପ୍ରଦୂଷଣ ବଢ଼ିବାରେ ଲାଗିଛି । ସହର ବଜାର ଚାରିଆଡ଼େ ସାଉଣ୍ଡବକ୍ସର ଗର୍ଜନ ଓ ବିଭିନ୍ନ ବାଜାର ଉଦଣ୍ଡ ଶବ୍ଦ ପିଲାଟି ପାଇଁ ଶ୍ରୁତିକଟୁ ହୋଇଥାଏ । ଦିନ ଦିନ ଧରି ବାଜାର ଗୁରୁଗର୍ଜନ ପିଲାଟିର କାନକୁ ପ୍ରଭାବିତ କରିଥାଏ । ପରବର୍ତ୍ତୀ ସମୟରେ ଏହା କାନ ପାଇଁ ବଡ଼ ଯନ୍ତ୍ରଣାଦାୟକ ରୋଗକୁ ଡାକି ଆଣିଥାଏ ।

ପାର୍ବଣରେ ପିଲାମାନଙ୍କର ନିୟମିତ ଖାଇବା ପିଇବାକୁ ନେଇ ସେପରି କେହି ଚିନ୍ତିତ ନଥାନ୍ତି । କିନ୍ତୁ ବଡ଼କଥା ହେଉଛି ଏହି ସମୟରେ ସ୍କୁଲ ଛୁଟି ଥିବାରୁ ପିଲାମାନେ ପ୍ରାୟତଃ ଘରେ ରହିଥାନ୍ତି । ତେଣୁ ଛୁଟି ନାମରେ ପିଲାମାନଙ୍କର ଖାଇବା ଓ ବିଶ୍ରାମକୁ ଅବହେଳା କରିବା କଥା ନୁହେଁ । ଦେଖାଯାଉଛି ପୂଜାରେ ସର୍‌ପ୍ରାଇଜ୍ ଗିଫ୍ଟ ନାମରେ ପିଲାମାନଙ୍କୁ ମୋବାଇଲ ଫୋନ୍ ଓ ଆଇପଡ୍ ଦିଆଯାଉଛି । ବାସ୍ତବରେ କମ୍ ବୟସର ପିଲାମାନଙ୍କ ପାଇଁ ମୋବାଇଲ୍ ଫୋନ ହେଉ ବା ଆଇପଡ୍ କ୍ଷତିକାରକ । ଏହା ପିଲାମାନଙ୍କ ବୋଧଶକ୍ତି, ସୃଜନଶୀଳତା ଓ ବୌଦ୍ଧିକତାକୁ କ୍ଷତବିକ୍ଷତ କରିବାର ସମ୍ଭାବନା ରହିଥାଏ । ସେହିପରି ବଜାରରେ ମେଢ଼ ବୁଲି କିମ୍ବା ମେଲୋଡ଼ି ଦେଖି ବିଳମ୍ବରେ ପ୍ରାୟତଃ କିଛି ପିଲାମାନେ ଶୋଇଥାନ୍ତି । ପ୍ରକୃତରେ ଏହା ସ୍ୱାସ୍ଥ୍ୟପାଇଁ ବହୁତ ବିପଦଜନକ । କାରଣ ନିର୍ଦ୍ଧାରିତ ସମୟରେ ଶୋଇବା ପିଲାଟି ପାଇଁ ଅତ୍ୟନ୍ତ ସ୍ୱାସ୍ଥ୍ୟପ୍ରଦାୟକ । ବନ୍ଧୁବାନ୍ଧବ କିମ୍ବା ପଡ଼ୋଶୀ ପିଲାମାନଙ୍କ ସହିତ ପିଲାଟି ଖେଳବୁଲା କରିଥାଏ । ଏହି ସମୟରେ ପିଲାଟି ଭିତରେ ସମସ୍ତଙ୍କୁ ଭଲ ପାଇବା, ସମସ୍ତଙ୍କୁ ସାହାଯ୍ୟ କରିବା, ମହତ୍ ଗୁଣ ଶିକ୍ଷା ଦିଅନ୍ତି । ଗେଲରେ ହେଉ ବା ଜିଦ୍‌ରେ ପିଲା ବୟସରେ ଝଗଡ଼ାଝାଟି ପ୍ରାୟତଃ ଦେଖିବାକୁ ମିଳିଥାଏ । ଏ ସବୁର ଗୁରୁ ଦାୟିତ୍ୱ ବାପମା ଓ ପରିବାରର ସମସ୍ତ ବଡ଼ ଲୋକମାନଙ୍କର । ପୂଜା ସମୟରେ ପିଲାମାନଙ୍କୁ ପକେଟମନି ଭାବରେ ଅଧିକ ପଇସା ଦିଅନ୍ତୁ ନାହିଁ । ବରଂ ସେ କ'ଣ ଚାହୁଁଛି ତାହା ଆପଣ ବିଚାର କରି କିଛି କିଣି ପାରନ୍ତି । କାରଣ ଅତ୍ୟଧିକ ଓ ଖୋଲା ହାତର ପକେଟ୍‌ମନି ପିଲାମାନଙ୍କୁ ବିପଥଗାମୀ କରିବାର ସମ୍ଭାବନା ରହିଥାଏ । ପିଲାଟି ବାହାରକୁ ଯାଉଥିଲେ ବି କେଉଁଠି ଯାଉଛି ଓ କାହା ପାଖକୁ ଯାଉଛି ସବିଶେଷ ବୁଝନ୍ତୁ । କେବଳ ସେତିକି ନୁହେଁ ସେ ସମ୍ବନ୍ଧରେ ସମସ୍ତ ତଥ୍ୟ ରଖନ୍ତୁ ।




ପିଲାମାନଙ୍କୁ ଦଶହରା ସମୟରେ ସେମାନଙ୍କର ଗରିବ ସାଙ୍ଗସାଥୀ କିମ୍ବା ବଜାରଘାଟରେ ବୁଲୁଥିବା ଅସହାୟ ଅପରିଚିତ ନାରାୟଣରୂପୀ ଗରିବ ଲୋକଙ୍କୁ ସାହାଯ୍ୟ କରିବାର ପରୋପକାର ଗୁଣ ଶିକ୍ଷା ଦିଅନ୍ତୁ । ଭସାଣୀ ସମୟରେ ପିଲାମାନେ ମେଢ଼ ସହିତ ଯିବାପାଇଁ ପ୍ରାୟତଃ ମନବଳାଇ ଥାନ୍ତି । ତେବେ ଏହି ସମୟରେ ଅପ୍ରିତିକର ପରିସ୍ଥିତ ଓ ପ୍ରବଳ ଭିଡ଼ ରହୁଥିବାରୁ ଦଳାଚକଟା ଠାରୁ ଅସମାଜିକ ଲୋକଙ୍କ ଦ୍ୱାରା ଗଣ୍ଡଗୋଳର ଭୟ ବି ରହିଥାଏ । ତେବେ ସବୁଠି ଯେ ଗଣ୍ଡଗୋଳର ବା ଦଳାଚକଟାର ଭିଡ଼ ରହିଥାଏ ତାହା କୁହାଯାଉନାହିଁ କିନ୍ତୁ ଏ କ୍ଷେତ୍ରରେ ସତର୍କତା ଜରୁରୀ । ନଦୀ ବା ଜଳାଶୟରେ ମା'ଙ୍କ ବିସର୍ଜନ ବେଳେ ପିଲାମାନେ ନଦୀକୁ ଯାଇଛନ୍ତି । ପିଲାଟି ପହଁରା ଶିକ୍ଷା ପାଇଛି କି ନାହିଁ ତାହା ଆପଣମାନେ ଜାଣିଛନ୍ତି କି ? ଅନ୍ୟଗୋଟିଏ କଥା ହେଉଛି ନଦୀ ଜଳରେ ମା'ଆଙ୍କ ମୂର୍ତ୍ତିରେ ଦିଆଯାଇଥିବା ବିଷାକ୍ତ ରଙ୍ଗ ସମଗ୍ର ଜଳରାଶିକୁ ପ୍ରଦୂଷିତ କରୁଥାଏ । ଏହାର ସଂସ୍ପର୍ଶରେ ପିଲାଟି ଆସିଲେ ପରବର୍ତ୍ତୀ ସମୟରେ ଚର୍ମରୋଗର ଶିକାର ହୋଇଥାଏ । ପିଲାମାନଙ୍କୁ ସେହି ଦୂଷିତ ରଙ୍ଗ ଜଳରାଶିର ସଂସ୍ପର୍ଶରେ ନ ଆସିବା ପାଇଁ ଦୃଷ୍ଟି ରଖନ୍ତୁ । ପାର୍ବଣରେ ସମସ୍ତେ ଖୁସି ମନାଉଥିବାବେଳେ ଆମ୍ଭମାନଙ୍କ ହାତ ପାଖରେ ମୁଠାଏ ଖାଇବା ପାଇଁ ପାଣି ମୁନ୍ଦାଏ ପିଇବା ପାଇଁ ବହୁତ ନିରାଶ୍ରୟ ଦେବଶିଶୁପରି ଅସହାୟ ପିଲାମାନେ ରହିଥାନ୍ତି । ସେମାନଙ୍କ ପାଇଁ ଆମ୍ଭମାନଙ୍କର ଦାୟିତ୍ୱବୋଧତା ସମ୍ପର୍କରେ ପିଲାଟିକୁ ଏ ବୟସରୁ ଶିକ୍ଷା ଦିଅନ୍ତୁ । ପାର୍ବଣରେ ସମସ୍ତଙ୍କ ସହ ଖୁସି, ସୁଖ ଓ ଭଲପାଇବା ବାଣ୍ଟି ପାରିବାର ମହାମନ୍ତ୍ର ପିଲାଟିକୁ ଆପଣମାନେ ହିଁ ଶିକ୍ଷା ଦେଇପାରିବେ । ଦେଖିବେ ଆପଣଙ୍କ ପିଲାଟି ମା'ଆଙ୍କ କୃପା ପାଇବା ସହ ଏକ ଦିବ୍ୟ ପଥର କୁନି ପଥିକ ହୋଇପାରିବ ।

# 'ଗାଁ ପରିମଳ ଧୋବା ତୁଠରୁ'



ଶେଖ ଫରିଦ୍‌ଉଦ୍ଦିନ
ଦୂରସଞ୍ଚାର ଭବନ, ଲିଙ୍କରୋଡ଼,
କଟକ, ମୋ : ୯୪୩୭୦୦୪୮୮୮

କଥାରେ ଅଛି 'ଗାଁ ପରିମଳ ଧୋବା ତୁଠରୁ।' ଅର୍ଥାତ୍ ଏକ ଗାଁର ପରିଷ୍କାର ପରିଚ୍ଛନ୍ନତା ସେହି ଗ୍ରାମର ଜଳାଶୟର ସ୍ୱଚ୍ଛତାରୁ ପ୍ରମାଣିତ ହୁଏ। ଦ୍ୱିତୀୟତଃ ପରିଷ୍କାର ପରିଚ୍ଛନ୍ନତା ଏକ ମାନବୀୟ ଜୀବନର ମୁଖ୍ୟ ଆଦର୍ଶଣୀୟ ଜୀବନ ଚର୍ଯ୍ୟା। ତେବେ ବଡ଼ଖୁସିର କଥା ଆମର ବର୍ତ୍ତମାନର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଐତିହାସିକ ସଂକଳ୍ପ 'ସ୍ୱଚ୍ଛ ଭାରତ ଅଭିଯାନ' ଏହି ଜୀବନ ସ୍ୱଚ୍ଛତାର ନିଶ୍ଚିନ୍ତ ଭାବରେ ଏକ ପ୍ରଶଂସନୀୟ ଜୀବନ ଚିନ୍ତନ କହିଲେ ଅତ୍ୟୁକ୍ତି ହେବନାହିଁ ରୋଗରୁ ରକ୍ଷା ପାଇବା ପାଇଁ ସାବୁନରେ ହାତ ଧୋଇବା ପ୍ରତି ଲୋକଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ପ୍ରତି ବର୍ଷ ଅକ୍ଟୋବର ୧୫ରେ ପାଳନ କରାଯାଏ ବିଶ୍ୱ ହାତଧୁଆ ଦିବସ। ବିଶ୍ୱର ପ୍ରତିଟି କୋଣରେ ଲୋକଙ୍କୁ ସାବୁନରେ ହାତ ଧୋଇବା ପାଇଁ ପ୍ରୋତ୍ସାହିତ କରିବା ଏବଂ ଏହି ଅଭ୍ୟାସକୁ ବଜାୟ ରଖିବା ଉଦ୍ଦେଶ୍ୟ ନେଇ ଏକ ସଚେତନତା ଅଭିଯାନ ରୂପେ ଉଭା ହୋଇଛି ଏହି ଦିବସ। ୨୦୦୮ରେ ଷ୍ଟକ୍‌ହୋମ୍ ଠାରେ ଅଗଷ୍ଟ ୧୭-୨୩ ମଧ୍ୟରେ ଅନୁଷ୍ଠିତ ବାର୍ଷିକ ବିଶ୍ୱ ଜଳ ସପ୍ତାହ ଅବସରରେ ଜନ୍ମ ନେଇଥିଲା ବିଶ୍ୱ ହାତଧୁଆ ଦିବସ। ଜାତିସଂଘର ସାଧାରଣ ସଭାରେ ତାରିଖ ନିର୍ଦ୍ଧାରଣ ହେବା ପରେ ସେହି ବର୍ଷ ଅକ୍ଟୋବର ଆଜିର ଦିନ ଏହି ଦିବସ ପ୍ରଥମେ ପାଳନ କରାଗଲା। ତା ପରଠାରୁ ସମଗ୍ର ବିଶ୍ୱରେ ଏହାକୁ ପାଳନ କରିବାର ଏକ ଅଭିଯାନ ଚାଲିଛି। ଶ୍ୱାସ, ଡାଇରିଆ ଭଳି ରୋଗରୁ ଶିଶୁ ମୃତ୍ୟୁହାର ହ୍ରାସ କରିବା ଉଦ୍ଦେଶ୍ୟରେ ଏହି ଅଭିଯାନ ଆରମ୍ଭ କରାଯାଇଥିଲା। ପରବର୍ତ୍ତୀ ସମୟରେ କେବଳ ଶିଶୁରୋଗ ନୁହେଁ ସମସ୍ତ ପ୍ରକାର ରୋଗର ପ୍ରାଥମିକ ପ୍ରତିଷେଧକ ଭାବରେ ଏହି ସ୍ୱଚ୍ଛତାକୁ ଗୁରୁତ୍ୱ ପ୍ରଦାନ କରାଯାଇଛି। ହାତଧୁଆ ଅଭିଯାନକୁ ପ୍ରଭାବଶାଳୀ କରିବା ପାଇଁ ପ୍ରତି ବର୍ଷ ଭିନ୍ନ ଭିନ୍ନ ବିଷୟ ଚୟନ କରାଯାଏ। ଶୌଚାଳୟ ବ୍ୟବହାର ପରେ, ଖାଇବା ପୂର୍ବରୁ ଓ ପରେ ଏବଂ ଅନ୍ୟ ସମୟରେ ସାବୁନରେ ହାତ ଧୋଇବା ଏକ ଦୈନନ୍ଦିନ ଅଭ୍ୟାସରେ ପରିଣତ ହେବା ଉଚିତ, ଯାହାଫଳରେ ବିଭିନ୍ନ ରୋଗରୁ ଆମେ ରକ୍ଷା ପାଇପାରିବା। ସଫାସୁତରା ରହିବା, ସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରିବା, ପାଣିର ସ୍ୱଚ୍ଛତା ଆଦି ଉପରେ ଏହି ଦିବସ ଫୋକ୍ସ କରେ।

ସଂପ୍ରତି ଦୀପାବଳିର ଅବ୍ୟବହିତ ପୂର୍ବରୁ ମାନ୍ୟବର ସୁପ୍ରିମକୋର୍ଟ ନୂଆଦିଲ୍ଲୀ ଓ ନିକଟବର୍ତ୍ତୀ ଅଞ୍ଚଳରେ ବାଣ ବିକ୍ରି ଉପରେ ରୋକ ଲଗାଇବା ପରେ ଏହି ଦିବସର ଗୁରୁତ୍ୱ ଓ ପ୍ରାସଙ୍ଗିକତା ଆମ ଆଗରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। କେବଳ ପାଠ୍ୟ ପୁସ୍ତକର ଅଧ୍ୟାୟ ଭାବରେ ନୁହେଁ ବା କୌଣସି ସାରଗର୍ଭକ ଭାଷଣର ଧାଡ଼ି, ଶୁଦ୍ଧ ଆଚରଣ ଯେପରି ଜଣେ ମଣିଷର ଉତ୍ତମ ବ୍ୟକ୍ତିତ୍ୱକୁ ପ୍ରଦର୍ଶିତ କରିଥାଏ ସେହିଭଳି ସ୍ୱଚ୍ଛତାକୁ ଜଣେ ନିଜ ଚେତନାର ଜାଗରଣ ଭାବରେ ଚିନ୍ତା କରିବା ଏବଂ ଏହାକୁ ନିଜ ଜୀବନରେ କାର୍ଯ୍ୟକାରୀ କରିବାର ପ୍ରାସଙ୍ଗିକତା ରକ୍ଷା କରେ। ଜାତିର ଜନକ ମହାତ୍ମା ଗାନ୍ଧୀ ତାଙ୍କ ବ୍ୟକ୍ତିଗତ ଜୀବନ ଏବଂ ତାଙ୍କ ପରିପାର୍ଶ୍ୱିକ କାର୍ଯ୍ୟକ୍ରମ ଭିତରେ ସବୁବେଳେ ଶୁଦ୍ଧତା ଓ ପରିଷ୍କାର ପରିଚ୍ଛନ୍ନତାକୁ ଗୁରୁତ୍ୱ ଦେଉଥିଲେ। ଆମ୍ଭେମାନେ ଟିକେ ନିରିଖେଇ ବିଚାର କଲେ ଆମକୁ ବେଶ ଭଲ ଭାବରେ ଜଣା ଯେ ହାତ ଧୋଇବା କେବଳ ପିଲାଙ୍କୁ ପାଇଁ ନୁହେଁ ସମଗ୍ର ମାନବ ଜାତି ପାଇଁ ଏହା ଏକ ନିରୋଗ ଓ ଉତ୍ତମ ସ୍ୱାସ୍ଥ୍ୟର ସଫଳତାର ଚାବିକାଠି। ପିଲାବେଳେ ଆମ ସମସ୍ତଙ୍କର ଅଭୁଲା କଥାଟି ହେଉଛି ଏହା ସେ ସମୟରେ ମଧ୍ୟ ଆମ ଅବଧାନ ହୁଅନ୍ତୁ ବା ଶିକ୍ଷକ ଛାତ୍ରଛାତ୍ରୀଙ୍କ ହାତ ଓ ନଖକୁ ନିରିଖେଇ ପରିଚ୍ଛନ୍ନତା ଉପରେ ଗୁରୁତ୍ୱ ଦେଉଥିଲେ ଏବଂ ଏଥିରେ ବ୍ୟତିକ୍ରମ ହେଲେ ଦଣ୍ଡ ବିଧାନର ଆନନ୍ଦମୟ ଅନୁଭୂତି କେବଳ ଏହି ଲେଖକର ନୁହେଁ ଆମ ସମସ୍ତଙ୍କର ବି ରହିଛି। କିନ୍ତୁ ସୂଚନା ପ୍ରଯୁକ୍ତିର ଶୀର୍ଷତାରେ ପହଞ୍ଚିଥିବା ଆମ ସମୟର ଗୁଣିଜ୍ଞାନୀ ବ୍ୟକ୍ତିଚେତନାଙ୍କ ଭିତରେ ଏଯାବତ୍ ହାତଧୁଆ ଉପରେ ବି ପରାମର୍ଶ ଏବଂ ମାର୍ଗ ଦର୍ଶନର ଆବଶ୍ୟକତା ରହିଛି। ଆସନ୍ତୁ ବିଶ୍ୱ ହାତଧୁଆ ଦିବସ ଅବସରରେ ନିଜେ ଶପଥ ନେବା ସହ ଆମ ପରିବାର, ଆମ କର୍ମ ସଂସ୍ଥାନ କ୍ଷେତ୍ର ସର୍ବୋପରି ଆମ ଆଖପାଖର ପଡ଼ୋଶୀ ହୁଅନ୍ତୁ ବା ବନ୍ଧୁବର୍ଗ ସମସ୍ତଙ୍କ ଭିତରେ କେବଳ ହାତଧୁଆ ନୁହେଁ ପରିଷ୍କାର ପରିଚ୍ଛନ୍ନତାର ଆବଶ୍ୟକତାକୁ ଗ୍ରହଣ କରିବା ଏବଂ ଏହାକୁ ନିଜ ଜୀବନରେ ପ୍ରତିଟି କ୍ଷେତ୍ରରେ କାର୍ଯ୍ୟ କରିବା ତାହାଲେ ଏହି ଦିବସର ଅନ୍ତର୍ନିହିତ ତାତ୍ପର୍ଯ୍ୟ ନିଶ୍ଚୟ ସଫଳ ହେବ।

# ଖାଦ୍ୟ ଦିବସର ଆହ୍ୱାନ



ଅରୁନ୍ଧତୀ ଦେବୀ
ଶୋଭନୀୟ ଆନ୍ଦୋଳନ,
ଉଦୟଗିରି, ଯାଜପୁର,
ଦୂରଭାଷ : ୯୪୩୭୧୨୪୫୭୨

ଆଜି ଅକ୍ଟୋବର ୧୬ ବିଶ୍ୱ ଖାଦ୍ୟ ଦିବସ । ୧୯୪୫ ମସିହା ଆଜି ଦିନରେ ଆନ୍ତର୍ଜାତିକ ସଂସ୍ଥା ବିଶ୍ୱ ଖାଦ୍ୟ ଓ କୃଷି ସଂଗଠନ ପ୍ରତିଷ୍ଠା କରାଯାଇଥିଲା । ୧୯୭୯ରୁ ଏହି ଦିନଟିକୁ ବିଶ୍ୱ ଖାଦ୍ୟ ଦିବସ ଭାବେ ପାଳନ କରାଯାଇ ଆସୁଛି । ଉଦ୍ଦେଶ୍ୟ ବିଶ୍ୱର ସମସ୍ତ ଜନଗଣଙ୍କ ପାଇଁ ସମ୍ପୂର୍ଣ୍ଣ ଖାଦ୍ୟ ନିରାପତ୍ତାର ଲକ୍ଷ୍ୟ ହାସଲ ପାଇଁ ବାତାବରଣ ସୃଷ୍ଟି । ଖାଦ୍ୟ ଓ କୃଷି ସଂଗଠନ ପକ୍ଷରୁ ବିଶ୍ୱ ଖାଦ୍ୟ ଦିବସ ପାଳନକୁ ଅନୁମୋଦନ କରି ଜାତିସଂଘ ସାଧାରଣ ପରିଷଦରେ ୧୯୮୦ରେ ଗୃହୀତ ଏକ ପ୍ରସ୍ତାବରେ କୁହାଯାଇଥିଲା, 'ବଞ୍ଚି ରହିବା ସହ ଏକ ସୁସ୍ଥ ଜୀବନ ପାଇଁ ଖାଦ୍ୟ ମଣିଷର ଏକାନ୍ତ ଅପରିହାର୍ଯ୍ୟ । ଏହା ଏକ ମୌଳିକ ଆବଶ୍ୟକତା ।' ଏବେତ ଖାଦ୍ୟାଧିକାରକୁ ମୌଳିକ ମାନବାଧିକାରର ମର୍ଯ୍ୟାଦା ଦିଆଯାଇଛି । କିନ୍ତୁ ବିଡ଼ମ୍ବନା ହେଲା ବିଗତ ତିନି ଦଶନ୍ଧି ହେଲା ଆନ୍ତର୍ଜାତିକ ସମୁଦାୟ ବିଶ୍ୱ ଖାଦ୍ୟ ଦିବସ ପାଳନ କରି ଅସୁଛନ୍ତି ସିନା ବିଶ୍ୱର ସବୁ ଲୋକଙ୍କ ଏହି ମୌଳିକ ଆବଶ୍ୟକତା ପୂରଣ କରାଯାଇ ପାରି ନାହିଁ । ଏବେ ବି ବିଶ୍ୱର ଶହେ କୋଟି ଲୋକଙ୍କୁ ପ୍ରତିଦିନ ଦିଓଳି ପେଟପୂରା ଖାଇବାକୁ ମିଳୁନାହିଁ । ନଅ ବର୍ଷ ତଳେ ବିଶ୍ୱ ନେତୃତ୍ୱ ସହସ୍ରାବ୍ଦୀ ଲକ୍ଷ୍ୟ ଗ୍ରହଣ କରି ବିଶ୍ୱରେ ଅନାହାର, ଅର୍ଦ୍ଧାହାର କ୍ଳିଷ୍ଟ ଭୋକିଲାଙ୍କ ସଂଖ୍ୟା ୨୦୧୫ ସୁଦ୍ଧା ଅନ୍ତତଃ ଶତକଡ଼ା ୫୦ ଭାଗ ହ୍ରାସ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ । ଅଥଚ ଜାତିସଂଘ ରିପୋର୍ଟ ଅନୁଯାୟୀ ବିଶ୍ୱରେ କ୍ଷୁଧା ପୀଡ଼ିତଙ୍କ ସଂଖ୍ୟା କମିବା ପରିବର୍ତ୍ତେ ବୃଦ୍ଧି ପାଇ ୧୦୦ କୋଟିକୁ ଡେଇଁ ସାରିଲାଣି । ବର୍ଷକ ତଳେ କ୍ଷୁଧା କ୍ଳିଷ୍ଟଙ୍କ ସଂଖ୍ୟା ଥିଲା ୯୬ କୋଟି । ଅର୍ଥାତ୍ ଅର୍ଥନୈତିକ ମାନ୍ଦାବସ୍ଥାର ଶିକାର ହୋଇ ବର୍ଷକ ମଧ୍ୟରେ ଅଧିକ ଚାରି କୋଟି ଲୋକ ଭୋକିଲାଙ୍କ ବିଶାଳ ବାହିନୀରେ ସାମିଲ ହୋଇଛନ୍ତି । ୨୦୦୭ ଓ ୨୦୦୮ ରେ ଆନ୍ତର୍ଜାତିକ ବଜାରରେ ଖାଦ୍ୟ ସାମଗ୍ରୀ ବେଶ୍ ମହଙ୍ଗା ଥିଲା । ଏବେ ଆନ୍ତର୍ଜାତିକ ବଜାରରେ ଖାଦ୍ୟର ମୂଲ୍ୟ ମୋଟାମୋଟି ସ୍ଥିର ରହିଥିଲେ ସୁଦ୍ଧା, ବିକାଶଶୀଳ ରାଷ୍ଟ୍ରମାନଙ୍କରେ ଖାଦ୍ୟ ସାମଗ୍ରୀର ଦାମ ତଥାପି ଚଢ଼ା ରହିଛି । ତେଣୁ ଏସୀୟ, ପ୍ରଶାନ୍ତ ମହାସାଗରୀୟ ଓ ଆଫ୍ରିକୀୟ ରାଷ୍ଟ୍ର ମାନଙ୍କର କ୍ଷୁଧା ପୀଡ଼ିତଙ୍କ ସଂଖ୍ୟା ଅଧିକ ମାତ୍ରାରେ ବୃଦ୍ଧି ପାଇବାରେ ଲାଗିଛି । ଅନେକ ଆଫ୍ରିକୀୟ ରାଷ୍ଟ୍ରରେ ଲୋକେ ବାଧ୍ୟ ହୋଇ ଶିକ୍ଷା ଓ ସ୍ୱାସ୍ଥ୍ୟ ବାବଦ ଖର୍ଚ୍ଚ କାଟ କରି ସୁଦ୍ଧା ପର୍ଯ୍ୟାପ୍ତ ଆହାର ଯୋଗାଡ଼ କରିବାରେ ସକ୍ଷମ ହୋଇପାରୁ ନାହାନ୍ତି । ଏସିଆ ଓ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ କ୍ଷୁଧା ପୀଡ଼ିତଙ୍କ ସଂଖ୍ୟା ସର୍ବାଧିକ ୬୪ କୋଟି ହୋଇଥିବାବେଳେ ଆଫ୍ରିକାର ୨୬କୋଟି । ଅନାହାର, ଅର୍ଦ୍ଧାହାରରେ ଏକ ସ୍ୱାଭାବିକ କୁପରିଣତି ହେଲା ପୁଷ୍ଟିହୀନତା । କ୍ଷୁଧାର ତାଡ଼ନା ସହ ପୁଷ୍ଟିହୀନତାରେ ଶିକାର ଲୋକଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଇଛି । ପ୍ରତି ୬ ସେକେଣ୍ଡରେ ବିଶ୍ୱର ଜଣେ ଶିଶୁ ପୁଷ୍ଟିହୀନତା ଜନିତ ରୋଗର ଶିକାର ହୋଇ ମୃତ୍ୟୁମୁଖରେ ପଡ଼ୁଛି ।

ବିଶ୍ୱରେ କ୍ଷୁଧା ଓ ପୁଷ୍ଟିହୀନତା ବିଷୟ ଆଲୋଚନା ବେଳେ ଭାରତ ଏବଂ ଓଡ଼ିଶାର ପରିସ୍ଥିତିକୁ ଏଡ଼ାଯାଇ ପାରିବ ନାହିଁ । ୨୦୧୨-୧୩ କୃଷି ବର୍ଷରେ ରେକର୍ଡ଼ ୨୩୪ ନିୟୁତ ଟନ୍ ଖାଦ୍ୟଶସ୍ୟ ଉତ୍ପାଦନ ସତ୍ତ୍ୱେ ଭାରତର ଅନ୍ୟୁନ ୨୩ କୋଟି ଲୋକ ଦିଓଳି ପେଟପୂରା ଖାଇବାକୁ ପାଆନ୍ତି ନାହିଁ । ପୁଷ୍ଟିହୀନତାର ଶିକାର ହୋଇ ବିଶ୍ୱରେ ଯେତେ ଶିଶୁଙ୍କ ମୃତ୍ୟୁ ହୁଏ ତାର ଶତକଡ଼ା ୫୦ ଭାଗ ଭାରତୀୟ ଶିଶୁ । ୧୫ରୁ ୪୯ ବର୍ଷ ବୟସ୍କ ଗୋଷ୍ଠୀରେ ପ୍ରତି ତୃତୀୟ ବ୍ୟକ୍ତି ପୁଷ୍ଟିହୀନତା ଦ୍ୱାରା ଆକ୍ରାନ୍ତ । ଓଡ଼ିଶାରେ ୩୦ଟି ଜିଲ୍ଲାରୁ ୨୪ଟି ଜିଲ୍ଲା କ୍ଷଧାପ୍ରବଣ ଏବଂ ଖାଦ୍ୟ ନିରାପତ୍ତା ଦୃଷ୍ଟିରୁ ବିପନ୍ନ । ଶିଶୁମାନଙ୍କ ମଧ୍ୟରେ ପାଖାପାଖି ଅଧା ପୁଷ୍ଟିହୀନତାର ଶିକାର । ଗୋଟିଏ ପକ୍ଷରେ ଦାରିଦ୍ର୍ୟ ଓ ଅନ୍ୟପକ୍ଷରେ ଖାଦ୍ୟ ସାମଗ୍ରୀର ମୂଲ୍ୟ ବୃଦ୍ଧି ଏଥିପାଇଁ ଦାୟୀ । ମୁଦ୍ରାସ୍ଫୀତ ହାର ୨୦୦୮ରେ ୧୨ ପ୍ରତିଶତରୁ ଏବେ ଶୂନ ତଳକୁ ଖସି ଅବସ୍ଫୀତରେ ପହଞ୍ଚିଛି । ଅଥଚ ଖାଦ୍ୟ ସାମଗ୍ରୀର ମୂଲ୍ୟ ସେହି ସମୟରେ ପ୍ରାୟ ୨ଗୁଣ ବୃଦ୍ଧି ପାଇଛି । ବିଶ୍ୱ ଖାଦ୍ୟ ଓ କୃଷି ସଂଗଠନର ମତରେ ପରିସ୍ଥିତିର ମୁକାବିଲା ପାଇଁ ଏକମାତ୍ର ଉପାୟ ହେଲା କ୍ରମବର୍ଦ୍ଧିଷ୍ଣୁ ଲୋକସଂଖ୍ୟାର ଚାହିଦା ପୂରଣ ଲାଗି କୃଷି ଉତ୍ପାଦନ, ବିଶେଷକରି ଖାଦ୍ୟଶସ୍ୟ ଉତ୍ପାଦନ ବୃଦ୍ଧି । ଏଥିପାଇଁ ଜରୁରୀ କୃଷି କ୍ଷେତ୍ରରେ ଅଧିକ ପୁଞ୍ଜି ବିନିଯୋଗ । ବିଡ଼ମ୍ବନା ହେଲା କୃଷି କ୍ଷେତ୍ରରେ ଅଧିକ ପୁଞ୍ଜି ବିନିଯୋଗ ଆବଶ୍ୟକତା ଥିବା ବେଳେ ପୁଞ୍ଜି ବିନିଯୋଗ ପରିମାଣ ହ୍ରାସ ପାଇଛି । ୧୯୮୦ରେ ଆନ୍ତର୍ଜାତିକ ସମୁଦାୟ ଦେଉଥିବା ଅନୁଦାନର ୧୭ ପ୍ରତିଶତ କୃଷିରେ ବିନିଯୋଗ ହେଉଥିବା ବେଳେ ୨୦୦୬ ବେଳକୁ ତାହା୩ ଦଶମିକ ୮ ପ୍ରତିଶତକୁ ଖସି ଆସିଛି । ସରକାରୀ ଓ ଘରୋଇ ପୁଞ୍ଜି ବିନିଯୋଗ ମଧ୍ୟ ହ୍ରାସ ପାଉଛି । କୃଷି କ୍ଷେତ୍ରରେ ବିଶ୍ୱରେ ସଂପ୍ରତି ବାର୍ଷିକ ୭୯୦ କୋଟି ଡଲାର ପୁଞ୍ଜି ବିନିଯୋଗ ପରିମାଣକୁ ବାର୍ଷିକ ୪୪୦୦ କୋଟି ବୃଦ୍ଧି କରିବାକୁ ପଡ଼ିବ । ଅନ୍ୟଥା ୨୦୫୦ ସୁଦ୍ଧା ବିଶ୍ୱର ୯୧୦ କୋଟି ଲୋକଙ୍କ ଖାଦ୍ୟ। ଆବଶ୍ୟକତା ପୂରଣ ଲାଗି କୃଷି ଉତ୍ପାଦନ ୭୦ ପ୍ରତିଶତ ବୃଦ୍ଧି ସମ୍ଭବପର ହୋଇ ନପାରେ । ବିଶ୍ୱ ସମୁଦାୟ ପାଇଁ ଏହା ଏକ ଆହ୍ୱାନ । ଆଜି ବିଶ୍ୱ ଖାଦ୍ୟ ଦିବସ ପାଳନ ଅବସରରେ ସେହି ଆହ୍ୱାନକୁ ଗ୍ରହଣ କରିବାକୁ ପଡ଼ିବ ।